# ସତ୍ୟବାକ୍ୟ

# THE WORD OF TRUTH

## JULY & AUGUST 2014

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam.

## CHURCH OF CHRIST

P.O. Box. No. 80, Kakinada
A.P. - 533 001.
Ph : 0884 - 2363722

**Vol.19. July & Aug- 2014. No-4**

**Published every one month in Oriya language for the Restoration of pure New Testament Christianity**

### ସମ୍ପାଦକଙ୍କ କଲମରୁ...

ପ୍ରିୟ "ସତ୍ୟବାଣୀ" ପାଠକ,

ଦୀର୍ଘ ପନ୍ଦର ବର୍ଷ ଧରି ବିନାମୂଲ୍ୟରେ ଆପଣଙ୍କୁ "ସତ୍ୟବାଣୀ" ପତ୍ରିକା ପଠାଇବାରେ ଈଶ୍ୱର ଆମ୍ଭମାନଙ୍କୁ ଆଶୀର୍ବାଦ କଲେ, ଈଶ୍ୱରଙ୍କ ନାମ ଧନ୍ୟ ହେଉ। ପ୍ରତିକୂଳ ପରିସ୍ଥିତି ଯୋଗୁଁ, ଏହି ପତ୍ରିକା ବିନାମୂଲ୍ୟରେ ପଠାଇବାରେ ଆମ୍ଭେମାନେ ସକ୍ଷମ ନୋହୁଁ। ଆସନ୍ତା ମାସରୁ ଏହି ପତ୍ରିକା ପ୍ରାପ୍ତ ହେବାକୁ ଇଚ୍ଛୁକ ଭାଇଭଉଣୀମାନଙ୍କୁ ବାର୍ଷିକ ଚାନ୍ଦା ରୂପେ ୧୦୦/- ଟଙ୍କା ନିମ୍ନଲିଖିତ ଠିକଣାରେ M.O. ଦ୍ୱାରା ପଠାଇବାକୁ ଅନୁରୋଧ କରୁ।

**SATYA VANI**
H.No. 7-9-35
Sam Murthy Street, KAKINADA, A.P.
PIN - 533001

# ସତ୍ୟବାଣୀ

# VOICE OF TRUTH

VOL - XIX KAKINADA JULY-AUG-2014

## ପରମେଶ୍ୱରଙ୍କୁ ପାସୋରିବା

### (Forgetting God)

ଆମ୍ଭେମାନେ ପରମେଶ୍ୱରଙ୍କୁ ସର୍ବଦା ଧନ୍ୟବାଦ କରୁ ଓ ତାହାଙ୍କ ମଙ୍ଗଳଦାନ ସବୁ ନ ପାସୋରୁ । ଅନେକ ବାଧାବିଘ୍ନ, କ୍ଲେଶକଷ୍ଟ ହେଲେ ହେଁ ସଦାପ୍ରଭୁଙ୍କ ଭକ୍ତଗଣ ସଦାପ୍ରଭୁଙ୍କୁ ପାସୋରି ନ ଥିଲେ । ସଦାପ୍ରଭୁଙ୍କୁ ନ ପାସୋରିବାକୁ ଇଶ୍ରାଏଲ୍ ଜାତିକୁ ସତର୍କ କରାଯାଇଥିଲା (ଦ୍ୱି.ବି. ୮:୧୧) । ''ଆଉ ପୁତ୍ରମାନଙ୍କ ପରି ତୁମ୍ଭମାନଙ୍କ ପ୍ରତି ଉକ୍ତ ଏହି ଉତ୍ସାହ ବାକ୍ୟ ଭୁଲିଅଛ, ''ହେ ମୋର ପୁତ୍ର, ପ୍ରଭୁଙ୍କ ଶାସନକୁ ଲଘୁ ଜ୍ଞାନ କର ନାହିଁ, କିଅବା ତାହାଙ୍କ ଦ୍ୱାରା ଅନୁଯୋଗ ପ୍ରାପ୍ତ ହେଲେ କ୍ଲାନ୍ତ ହୁଅ ନାହିଁ । (ଏବ୍ରୀ ୧୨:୫) । ସମସ୍ତ ସତର୍କତା ସତ୍ତ୍ୱେ ଇଶ୍ରାଏଲମାନେ ସଦାପ୍ରଭୁଙ୍କ ଆଜ୍ଞା ପାଳନ କରିବାରେ ଅନାସକ୍ତ ହେଲେ । ''କନ୍ୟା କି ଆପଣା ଅଳଙ୍କାର ଓ ବିବାହିତା କନ୍ୟା କି ଆପଣା ଭୂଷଣ ପାସୋରି ପାରେ ? ତଥାପି ଆମ୍ଭର ଲୋକେ ଆମ୍ଭକୁ ଅସଂଖ୍ୟ ଦିନ ପାସୋରି ଅଛନ୍ତି ।'' (ଯିରିମିୟ ୨:୩୨) କେଉଁମାନେ ପରମେଶ୍ୱରଙ୍କୁ ପାସୋରି ଅଛନ୍ତି ? କିପରି ପାସୋରି ଅଛନ୍ତି ଓ ପାସୋରିବାର ପ୍ରତିଫଳ କଅଣ ?

**୧) ଅନାଜ୍ଞାବହ, ଅକୃତଜ୍ଞ, ଅଧମ ଓ ବିପଥଗାମୀମାନେ ପରମେଶ୍ୱରଙ୍କୁ ପାସୋରନ୍ତି :** ''ସେମାନେ ପରମେଶ୍ୱରଙ୍କ ନିୟମ ପାଳନ କଲେ ନାହିଁ ଓ ତାହାଙ୍କ ବ୍ୟବସ୍ଥାନୁସାରେ ଚଳିବା ପାଇଁ ଅସ୍ୱୀକାର କଲେ, ସେମାନେ ତାହାଙ୍କ କାର୍ଯ୍ୟ ସକଳ, ସେମାନଙ୍କ ପ୍ରତି ପ୍ରକାଶିତ ତାହାଙ୍କ ଆଶ୍ଚର୍ଯ୍ୟ କ୍ରିୟା ସକଳ ଭୁଲି ଗଲେ (ଗୀତ ୭୮:୧୦,୧୧) ।'' ବୃକ୍ଷଶୂନ୍ୟ ଉଚ୍ଚସ୍ଥଳୀ ମାନରେ ଏକସ୍ୱର ଇସ୍ରାଏଲ୍ ସନ୍ତାନଗଣର

ରୋଦନ ଓ କାକୁତି ଶୁଣାଯାଏ, କାରଣ ସେମାନେ କୁଟିଳ ପଥଗାମୀ ଓ ସଦାପ୍ରଭୁ ଆପଣା ପରମେଶ୍ୱରଙ୍କୁ ପାସୋରି ପକାଇ ଅଛନ୍ତି ।'' (ଯିରିମିୟ ୩: ୨୨)

''ହେ ବିପଥଗାମୀ ସନ୍ତାନଗଣ, ଫେର, ଆମ୍ଭେ ତୁମ୍ଭ ବିପଥଗମନ ରୂପ ରୋଗ ସୁସ୍ଥ କରିବା । ଦେଖ, ଆମ୍ଭେମାନେ ତୁମ୍ଭ ନିକଟକୁ ଆସିଅଛୁ, କାରଣ ତୁମ୍ଭେ ସଦାପ୍ରଭୁ ଆମ୍ଭମାନଙ୍କର ପରମେଶ୍ୱର ଅଟ ।'' (ଯିରିମିୟ ୩: ୨୨)

''ଯେଉଁ ଶୈଳ ତୁମ୍ଭକୁ ଉତ୍ପନ୍ନ କଲେ, ତାହାଙ୍କ ବିଷୟରେ ତୁମ୍ଭେ ଅମନଯୋଗୀ ଅଟ ଓ ଯେଉଁ ପରମେଶ୍ୱର ତୁମ୍ଭକୁ ଜନ୍ମ ଦେଲେ, ତୁମ୍ଭେ ତାହାଙ୍କୁ ପାସୋରି ଅଛ ।'' (ଦ୍ୱି.ବି. ୩୨:୧୮)

''......ତୁମ୍ଭେ ଆପଣା ପରିତ୍ରାଣର ପରମେଶ୍ୱରଙ୍କୁ ପାସୋରି ଅଛ ଓ ଆପଣା ଶକ୍ତି ସ୍ୱରୂପ ଶୈଳ ବିଷୟରେ ମନୋଯୋଗୀ ହୋଇନାହଁ, ଏ ହେତୁ ତୁମ୍ଭେ ସୁନ୍ଦର ସୁନ୍ଦର ଚାରା ରୋପଣ କରୁଅଛ ଓ ବିଦେଶୀୟ କଲମ ସଙ୍ଗେ ତାହା ବସାଉଅଛ । (ଯିଶାଇୟ ୧୭:୧୦)

''ତୁମ୍ଭ ମଧ୍ୟରେ ଲୋକମାନେ ରକ୍ତପାତ କରିବା ପାଇଁ ଲାଞ୍ଚ ନେଇ ଅଛନ୍ତି, ତୁମ୍ଭେ ସୁଧ ଓ ବୃଦ୍ଧି ଗ୍ରହଣ କରିଅଛ, ଆଉ ତୁମ୍ଭେ ଲୋଭରେ ଉପଦ୍ରବକରି ଆପଣା ପ୍ରତିବସୀ ଠାରୁ ଲାଭ ନେଇଅଛ, ପୁଣି ଆମ୍ଭକୁ ପାସୋରି ଅଛ, ଏହା ପ୍ରଭୁ ସଦାପ୍ରଭୁ କହନ୍ତି ।'' (ଯିହିଜିକଲ ୨୨:୧୨)

ଅନେକେ ସଦାପ୍ରଭୁଙ୍କ ମଙ୍ଗଳଦାନ ସବୁ ପାସୋରି ତାହାଙ୍କୁ ଆରାଧନା କରିବା ନିମନ୍ତେ, ତାହାଙ୍କ ସ୍ତୁତିଗାନ କରିବାରେ ଅବହେଳା କରନ୍ତି ।

**୨) ମିଥ୍ୟା ଶିକ୍ଷକମାନେ ପରମେଶ୍ୱରଙ୍କୁ ପାସୋରିବା ନିମନ୍ତେ ଉତ୍ସାହିତ କରନ୍ତି:**

''ଏଥିପାଇଁ ସଦାପ୍ରଭୁ କହନ୍ତି, ଦେଖ, ଯେଉଁ ଭବିଷ୍ୟଦ୍‌ବକ୍ତାମାନେ, ପ୍ରତ୍ୟେକେ ଆପଣା ଆପଣା ପ୍ରତିବାସୀ ଠାରୁ ଆମ୍ଭର ବାକ୍ୟ ହରଣ କରନ୍ତି, ଆମ୍ଭେ ସେମାନଙ୍କର ବିପକ୍ଷ ଅଟୁ, ସଦାପ୍ରଭୁ କହନ୍ତି, ଦେଖ, ଯେଉଁ ଭବିଷ୍ୟଦ୍‌ବକ୍ତାମାନେ ଆପଣା ଆପଣା ଜିହ୍ୱା ବ୍ୟବହାର କରି, ''ସେ କହନ୍ତି'' ବୋଲି କହନ୍ତି, ଆମ୍ଭେ ସେମାନଙ୍କର ବିପକ୍ଷ । ସଦାପ୍ରଭୁ କହନ୍ତି, ଦେଖ, ଯେଉଁମାନେ ମିଥ୍ୟା ସ୍ୱପ୍ନର ଭବିଷ୍ୟଦ୍‌ବାକ୍ୟ ପ୍ରଚାର କରନ୍ତି ଓ ତାହା ଜଣାଇ ଆପଣାମାନଙ୍କର ମିଥ୍ୟା କଥା ଓ ଅସାର ଦାମ୍ଭିକତା

ଦ୍ୱାରା ଆମ୍ଭ ଲୋକମାନଙ୍କର ଭ୍ରାନ୍ତ କରାନ୍ତି, ଆମ୍ଭେ ସେମାନଙ୍କର ବିପକ୍ଷ ଅଟୁ; ସଦାପ୍ରଭୁ କହନ୍ତି, ଆମ୍ଭେ ସେମାନଙ୍କର ପଠାଇ ନାହୁଁ, କିଅବା ସେମାନଙ୍କୁ ଆଜ୍ଞା ଦେଇ ନାହୁଁ । ଅଥଚ ସେମାନେ ଏହି ଲୋକମାନଙ୍କର କିଛି ମାତ୍ର ଉପକାର କରିପାରିବେ ନାହିଁ ।'' (ଯିହିଜିକଲ ୨୫:୩୦-୩୨)

**୩) ଅଭିବୃଦ୍ଧି ପ୍ରାପ୍ତ ହେବା ପରେ ଲୋକେ ପରମେଶ୍ୱରଙ୍କୁ ପାସୋରନ୍ତି:**
''ସେମାନେ ଆପଣାମାନଙ୍କ ଚରଣି ସ୍ଥାନ ଅନୁସାରେ ପରିତୃପ୍ତ ହେଲେ, ସେମାନେ ପରିତୃପ୍ତ ହୋଇ ଅନ୍ତଃକରଣରେ ଗର୍ବିତ ହେଲେ, ଏଥିପାଇଁ ସେମାନେ ଆମ୍ଭଙ୍କୁ ପାସୋରି ଅଛନ୍ତି ।'' (ହୋଶେୟ ୧୩:୬) ଇଶ୍ରାଏଲର ପରମେଶ୍ୱରଙ୍କୁ ନ ପାସୋରିବା ନିମନ୍ତେ ମୋଶା ସତର୍କ କରିଥିଲେ, ''ତୁମ୍ଭ ପୂର୍ବପୁରୁଷ ଅବ୍ରାହମ ଓ ଇସ୍‌ହାକ ଓ ଯାକୁବ ନିକଟରେ ସଦାପ୍ରଭୁ ତୁମ୍ଭ ପରମେଶ୍ୱର ତୁମ୍ଭଙ୍କୁ ଯେଉଁ ଦେଶ ଦେବା ପାଇଁ ଶପଥ କରିଅଛନ୍ତି, ସେହି ଦେଶରେ ସେ ତୁମ୍ଭଙ୍କୁ ଉପସ୍ଥିତ କରାଲା ଉତ୍ତାରେ, ତୁମ୍ଭେ ଯାହା ଗାନ୍ଥି ନାହଁ, ଏପରି ବୃହତ୍ ଓ ସୁନ୍ଦର ନଗର, ଆଉ ଯାହା ତୁମ୍ଭେ ପୂର୍ଣ୍ଣ କରିନାହଁ, ଏପରି ସକଳ ଉତ୍ତମ ଦ୍ରବ୍ୟରେ ପରିପୂର୍ଣ୍ଣ ଗୃହ ଓ ଯାହା ରୋପଣ କଲ ନାହିଁ, ଏପରି ଦ୍ରାକ୍ଷାଯୁକ୍ତ ଓ ଜୀତବୃକ୍ଷ ପାଇ ଯେତେବେଳେ ତୁମ୍ଭେ ଭୋଗ କରି ତୃପ୍ତ ହେବ, ସେତେବେଳେ ସାବଧାନ, ଯେ ତୁମ୍ଭଙ୍କୁ ଦାସ୍ୟଗୃହ ରୂପ ମିସର ଦେଶରୁ ବାହାର କରି ଆଣିଅଛନ୍ତି, ସେହି ସଦାପ୍ରଭୁଙ୍କୁ ପାସୋର ନାହିଁ ।'' (ଦ୍ୱି.ବି. ୬:୧୦-୧୨)

''ନୋହିଲେ ତୁମ୍ଭେ ଭୋଜନ କରି ତୃପ୍ତ ହେଲେ ଓ ଉତ୍ତମ ଗୃହ ନିର୍ମାଣ କରି ତହିଁରେ ବାସ କଲେ, ପୁଣି ତୁମ୍ଭର ଗୋମେଷାଦି ପଲ ବୃଦ୍ଧି ପାଇଲେ ଓ ତୁମ୍ଭର ରୂପା ଓ ସୁନା ପ୍ରଚୁର ହେଲେ ଓ ତୁମ୍ଭର ଯାହା ଅଛି, ତାହାସବୁ ବୃଦ୍ଧି ପାଇଲେ ତୁମ୍ଭର ଅନ୍ତଃକରଣ ଅଂହକାରୀ ହେବ, ପୁଣି ଯେ ମିସର ଦେଶରୁ ଦାସ୍ୟଗୃହରୁ ତୁମ୍ଭଙ୍କୁ ବାହାର କରି ଆଣିଲେ, ଯେ ତୁମ୍ଭଙ୍କୁ ଭବିଷ୍ୟଦ୍ ମଙ୍ଗଳ ନିମନ୍ତେ ତୁମ୍ଭଙ୍କୁ ନମ୍ର କରିବାକୁ ଓ ତୁମ୍ଭର ପରୀକ୍ଷା ନେବାକୁ ଜ୍ୱାଳାଦାୟୀ ସର୍ପ ଓ ବିଛା, ପୁଣି ନିର୍ଜ୍ଜଳ ଶୁଷ୍କଭୂମି ଥିବା ଏହି ବିସ୍ତୀର୍ଣ୍ଣ ଓ ଭୟାନକ ପ୍ରାନ୍ତର ନେଇ ତୁମ୍ଭଙ୍କୁ ଗମନ କରାଇଲେ, ଯେ ତୁମ୍ଭ ନିମନ୍ତେ ଚକମକ ପ୍ରସ୍ତରମୟ ଶୈଳରୁ ଜଳ ବାହାର କଲେ, ଯେ ତୁମ୍ଭ ପୂର୍ବପୁରୁଷମାନଙ୍କ ଅଜ୍ଞାତ ମାନ୍ନା ଦ୍ୱାରା ପ୍ରାନ୍ତରରେ ତୁମ୍ଭଙ୍କୁ ପ୍ରତିପାଳନ କଲେ, ଏପରି ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କୁ ତୁମ୍ଭେ ପାସୋରି ପକାଇବ ।'' (ଦ୍ୱି.ବି. ୮:୧୨-୧୬)

ଲୋକେ ସଦାପ୍ରଭୁଙ୍କ ମଙ୍ଗଳଦାନ ପାସୋରି, ମଣ୍ଡଳୀ ଉପାସନାରେ ଯୋଗଦେବାକୁ ଅବହେଳା କରନ୍ତି ।

୪) ପରମେଶ୍ୱରଙ୍କୁ ପାସୋରିବା ପ୍ରତିଫଳ: ''ମାତ୍ର ଦୁଷ୍ଟଙ୍କୁ ପରମେଶ୍ୱର କହନ୍ତି, ଆମ୍ଭର ବିଧି ପ୍ରଚାର କରିବାକୁ ଓ ତୁମ୍ଭେ ଯେ ଆମ୍ଭର ନିୟମ ଆପଣା ମୁଖରେ ନେଇଅଛ, ତୁମ୍ଭର କି ଅଧିକାର ? କାରଣ ତୁମ୍ଭେ ଶିକ୍ଷା ଘୃଣା କରୁଅଛ ଓ ଆମ୍ଭ ବାକ୍ୟ ତୁମ୍ଭେ ତାହା ସଙ୍ଗେ ସମ୍ମତ ହୋଇଅଛ ଓ ବ୍ୟଭିଚାରୀମାନଙ୍କର ସହଭାଗୀ ହୋଇଅଛ । ତୁମ୍ଭେ ମନ୍ଦ ବିଷୟରେ ଆପଣା ମୁଖ ବଢ଼ାଇଅଛ ଓ ତୁମ୍ଭର ଜିହ୍ୱା ପ୍ରବଞ୍ଚନା କଳ୍ପନା କରେ । ତୁମ୍ଭେ ଆପଣା ଭାଇ ବିରୁଦ୍ଧରେ ବସି କଥା କହୁଅଛ; ତୁମ୍ଭେ ମାତୃପୁତ୍ରର ନିନ୍ଦା କରୁଅଛ । ତୁମ୍ଭେ ଏହିସବୁ କରି ଆସିଅଛ ଓ ଆମ୍ଭେ ନୀରବ ହୋଇ ରହିଅଛୁ । ତହିଁରେ ଆମ୍ଭେ ସର୍ବତୋଭାବେ ତୁମ୍ଭ ପରି ବୋଲି ତୁମ୍ଭେ ଅନୁମାନ କରିଅଛ; ମାତ୍ର ଆମ୍ଭେ ତୁମ୍ଭକୁ ଅନୁଯୋଗ କରିବା ଓ ତାହାସବୁ ତୁମ୍ଭ ସାକ୍ଷାତରେ ସଜାଇ ରଖିବା ।'' (ଗୀତ ୫୦:୧୬-୨୨) । ''ଦୁଷ୍ଟମାନେ ଓ ଯେଉଁ ଗୋଷ୍ଠୀୟମାନେ ପରମେଶ୍ୱରଙ୍କୁ ପାସୋରନ୍ତି, ସେ ସମସ୍ତେ ପାତକକୁ ଚାଲିଯିବେ ।'' (ଗୀତ ୯:୧୭) । ''କାରଣ ଇସ୍ରାଏଲ ଆପଣା ସୃଷ୍ଟିକର୍ତ୍ତାଙ୍କୁ ପାସୋରିଅଛି ଓ ନାନା ଅଟ୍ଟାଳିକା ନିର୍ମାଣ କରିଅଛି ଓ ଯିହୂଦା ଅନେକ ପ୍ରାଚୀର ବେଷ୍ଟିତ ନଗର ପ୍ରସ୍ତୁତ କରିଅଛି, ମାତ୍ର ଆମ୍ଭେ ତାହାର ନଗର ସକଳ ଉପରେ ଅଗ୍ନି ନିକ୍ଷେପ କରିବା ଓ ତାହା ତହିଁର ଦୁର୍ଗ ସକଳ ଗ୍ରାସ କରିବା ।'' (ହୋଶେୟ ୮:୧୪)

''ସେହିଦିନ ସେମାନେ ଦଣ୍ଡ ପାଇବେ, ଅର୍ଥାତ୍ ପ୍ରଭୁଙ୍କ ଛାମୁରୁ ଓ ତାହାଙ୍କ ପରାକ୍ରମର ଗୌରବରୁ ଦୂରୀକରଣ ହୋଇ ଅନନ୍ତ ବିନାଶ ଭୋଗ କରିବେ ।'' (୨ୟ ଥେସ ୧:୯) । ପରମେଶ୍ୱରଙ୍କୁ ପାସୋରିବା ପ୍ରତିଫଳ ବାକ୍ୟରୁ ଅବଗତ ହେବାରୁ, ଆସ, ଆମ୍ଭେମାନେ ତାହାଙ୍କୁ ଓ ତାହାଙ୍କ ମଙ୍ଗଳଦାନ ସବୁ ନ ପାସୋରି, ତାହାଙ୍କ ଗ୍ରାହ୍ୟଯୋଗ୍ୟ ଜୀବନଯାପନ କରୁ ।

– ***K.S. Swamidass***

❋❋❋

## ''ଯେକେହି ପ୍ରଭୁଙ୍କୁ ପ୍ରେମ ନ କରେ, ତେବେ ସେ ଶାପଗ୍ରସ୍ତ ହେଉ''

**(Cursed is the man, who does not love God, 1 Cor 16:22)**

ଜ୍ଞାନୀ ଶଲୋମନ ଲେଖନ୍ତି, ''......ପ୍ରେମ ମୃତ୍ୟୁ ପରି ବଳବାନ....'' । ଏହି ସଂସାର 'ପ୍ରେମ' ଦ୍ୱାରା ଚାଳିତ, କାରଣ ଏହି ସଂସାରରେ ଅନେକ ପ୍ରକାର 'ପ୍ରେମ' ଦେଖିବାକୁ ପାଇଥାଉ । ପିତାମାତାମାନଙ୍କ ସନ୍ତାନମାନଙ୍କ ପ୍ରତି ପ୍ରେମ (Starge), ଭାଇ ଭଉଣୀମାନଙ୍କ ପ୍ରତି ପ୍ରେମ (Philio), ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ପ୍ରେମ (Eros) ଏବଂ ଈଶ୍ୱରଙ୍କ ପ୍ରେମ (Agape) । ଏତଦ୍‌ବ୍ୟତୀତ ମନୁଷ୍ୟର ସାଂସାରିକ ବିଷୟଗୁଡ଼ିକ ପ୍ରତି ପ୍ରେମ, ଧନପେକ୍ଷା ପ୍ରଭୃତି ଦେଖିଥାଉ । ପ୍ରେରିତ ଯୋହନ କହନ୍ତି, ''ଯେ ପ୍ରେମ କରେ ନାହିଁ, ସେ ଈଶ୍ୱରଙ୍କୁ ଜାଣେ ନାହିଁ, କାରଣ ଈଶ୍ୱର ତ ପ୍ରେମ ।'' (୧ମ ଯୋହନ ୪:୮) । ଈଶ୍ୱରଙ୍କ ପ୍ରେମ ଅନନ୍ତକାଳ ସ୍ଥାୟୀ । ମନୁଷ୍ୟଙ୍କୁ ସୃଷ୍ଟି କରିବା ପୂର୍ବେ ସେ ପ୍ରେମରେ ମନୁଷ୍ୟର ସମସ୍ତ ଆବଶ୍ୟକ ବିଷୟ ସୃଷ୍ଟି କରିଥିଲେ । ଏ ଧାରାରେ ମନୁଷ୍ୟର ଆବଶ୍ୟକୀୟ ଆଲୁଅ, ଜଳ, ବନବୃକ୍ଷ, ମତ୍ସ୍ୟରାଶି, ପଶୁପକ୍ଷୀ ପ୍ରଭୃତି ମନୁଷ୍ୟର ସୃଷ୍ଟି ପୂର୍ବେ ସୃଷ୍ଟି ହୋଇଥିଲା ।'' ''......କାରଣ ସେ ମଙ୍ଗଳ କରିଅଛନ୍ତି, ଆଉ ଆକାଶରୁ ବୃଷ୍ଟି ଓ ଫଳଦାୟକ ଋତୁଗୁଡ଼ିକ ଦେଇ ଭକ୍ଷ୍ୟ ଓ ଆନନ୍ଦରେ ଆପଣାମାନଙ୍କ ହୃଦୟ ପରିତୃପ୍ତ କରିଅଛନ୍ତି ।'' (ପ୍ରେରିତ ୧୪:୧୭) । ପିତା ଆପଣା ସନ୍ତାନମାନଙ୍କ ପ୍ରତି ପ୍ରେମ କରିବା ସଦୃଶ୍ୟ, ଆମ୍ଭମାନଙ୍କ ସ୍ୱର୍ଗୀୟ ପିତା ଆମ୍ଭମାନଙ୍କୁ ପ୍ରେମ କରନ୍ତି । ସମସ୍ତ ଓ ସିଦ୍ଧିବର ଆମ୍ଭମାନଙ୍କ ପ୍ରେମମୟ ସ୍ୱର୍ଗୀୟ ପିତାଙ୍କ ଅନୁଗ୍ରହ ଦାନ ।

''ଆମ୍ଭେମାନେ ଯେ ଈଶ୍ୱରଙ୍କୁ ପ୍ରେମ କଲୁ, ତାହା ନୁହେଁ, ମାତ୍ର ସେ ଆମ୍ଭମାନଙ୍କୁ ପ୍ରେମ କଲେ, ପୁଣି ଆପଣା ପୁତ୍ରଙ୍କୁ ଆମ୍ଭମାନଙ୍କ ପାପର ପ୍ରାୟଶ୍ଚିତ ସ୍ୱରୂପ କରି ପଠାଇଲେ । ଏଥିରେ ତ ପ୍ରେମ ପ୍ରକାଶ ପାଏ ।'' (୧ମ ଯୋହନ ୪:୧୦) । ''କାରଣ ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ କେହି ତାହାଙ୍କ ଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପ୍ରାପ୍ତ ହୁଏ ।''

(ଯୋହନ ୩:୧୬) ''କିନ୍ତୁ ଆମ୍ଭେମାନେ ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ, ସେଥିରେ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମ ସପ୍ରମାଣ କରୁଅଛନ୍ତି । (ରୋମୀୟ ୫:୮)

ପ୍ରେମମୟ ଯୀଶୁଖ୍ରୀଷ୍ଟ ଆପଣା ସ୍ୱର୍ଗୀୟ ନିବାସ ପରିତ୍ୟାଗ କରି ଶରୀରଧାରୀ ହୋଇ ଏହି ଜଗତରେ ଜନ୍ମଗ୍ରହଣ କରିଥିଲେ । ପିତାମାତାମାନଙ୍କ ବଶୀଭୂତ ହୋଇ ୩୦ ବର୍ଷ ଜୀବନଯାପନ କରିବା ପରେ, ଈଶ୍ୱରଙ୍କ ରାଜ୍ୟ ସୁସମାଚାର ଗ୍ରାମେ ଗ୍ରାମେ ବୁଲି ସେ ଅରକ୍ଷକ ମେଷ ସଦୃଶ୍ୟ ହଜିଯାଇଥିବା ଆତ୍ମାମାନଙ୍କ ଉପରେ ଦୟାରେ ବିଗଳିତ ହୋଇ, ସୁସମାଚାର ପ୍ରଚାର କରିଥିଲେ, ଶିକ୍ଷା ଦେଇଥିଲେ, ସୁସ୍ଥ କରିଥିଲେ, ଭୋଜନ ଦେଇ ତୃପ୍ତ କରିଥିଲେ । ସ୍ୱଜନରେ ନିନ୍ଦା, ବଚସା ସହ୍ୟ କରି, ଗ୍ରାମେ ଗ୍ରାମେ ପାଦରେ ଚାଲି ମନୁଷ୍ୟର ଆତ୍ମାର ରକ୍ଷାର୍ଥେ ସୁସମାଚାର କରିଥିଲେ । ରୋମୀୟ ଅଦାଲତରେ ଅପରାଧି ସାବ୍ୟସ୍ତ ହୋଇ, ଘୋର କ୍ରୁଶୀୟ ମୃତ୍ୟୁ ଭୋଗ କଲେ । ସମାଧିପ୍ରାପ୍ତ ହୋଇ, ତୃତୀୟ ଦିନରେ ପୁନଃରୁତ୍ଥିତ ହୋଇଥିଲେ । ଯେ ତାହାଙ୍କ ଆଜ୍ଞାବହ ହୁଅନ୍ତି, ସେ ସେମାନଙ୍କ ନିମନ୍ତେ ନିତ୍ୟରକ୍ଷକ ଅଟନ୍ତି ।

ପରମେଶ୍ୱର ଆମ୍ଭମାନଙ୍କ ପ୍ରତି ପ୍ରେମ କରନ୍ତି, ଖ୍ରୀଷ୍ଟ ଆମ୍ଭମାନଙ୍କୁ ପ୍ରେମ କରନ୍ତି, ଆମ୍ଭେମାନେ କି ତାହାଙ୍କୁ ପ୍ରେମ କରୁଅଛୁ ? ଆମ୍ଭେମାନେ କିପରି ତାହାଙ୍କୁ ପ୍ରେମ କରିପାରିବା ? ଈଶ୍ୱରଙ୍କ ପ୍ରତି ଆମ୍ଭମାନଙ୍କ ପ୍ରେମ କିପରି ପ୍ରସ୍ଫୁଟିତ ହୋଇ ପାରିବ ? ଯୀଶୁ କହିଲେ, ''ମୁଁ ଯେପରି ମୋହର ପିତାଙ୍କ ଆଜ୍ଞା ପାଳନ କରି ତାହାଙ୍କ ପ୍ରେମରେ ସ୍ଥିର ହୋଇ ରହିଥାଏ, ସେ ପ୍ରକାର ତୁମ୍ଭେମାନେ ଯେବେ ମୋହର ଆଜ୍ଞା ପାଳନ କର, ତାହାହେଲେ ମୋହର ପ୍ରେମରେ ସ୍ଥିର ହୋଇ ରହିବ ।'' (ଯୋହନ ୧୫:୧୦) । ଏକଦା ଶାସ୍ତ୍ରୀମାନେ ତାହାଙ୍କୁ ପଚାରିଥିଲେ, ''.....ସମସ୍ତ ଆଜ୍ଞା ମଧ୍ୟରେ କି ପ୍ରକାର ଆଜ୍ଞା ପ୍ରଧାନ ? ସେଥିରେ ଯୀଶୁ ଉତ୍ତର ଦେଲେ, ପ୍ରଧାନ ଆଜ୍ଞା ଏହି, ହେ ଇସ୍ରାଏଲ ଶୁଣ, ପ୍ରଭୁ ଆମ୍ଭମାନଙ୍କ ଈଶ୍ୱର ଏକମାତ୍ର ପ୍ରଭୁ ଅଟନ୍ତି । ଆଉ, ତୁମ୍ଭେ ଆପଣା ସମସ୍ତ ଅନ୍ତଃକରଣ; ସମସ୍ତ ପ୍ରାଣ, ସମସ୍ତ ମନ ଓ ସମସ୍ତ ଶକ୍ତି ଦେଇ ପ୍ରଭୁ ଆପଣା ଈଶ୍ୱରଙ୍କୁ ପ୍ରେମ କର । ଦ୍ୱିତୀୟଟି ଏହି, ତୁମ୍ଭେ ଆପଣା ପ୍ରତିବାସୀକି ଆତ୍ମତୁଲ୍ୟ ପ୍ରେମ କର । ଏହି ଆଜ୍ଞାଗୁଡ଼ିକ ଆପେକ୍ଷା ଆଉ କୌଣସି ଶ୍ରେଷ୍ଠତର ଆଜ୍ଞା

ନାହିଁ ।'' (ମାର୍କ ୧୧:୨୮-୩୧) । ଈଶ୍ୱରଙ୍କୁ ପ୍ରେମ କରିବାର ଅର୍ଥ ତାହାଙ୍କ ଆଜ୍ଞା ପାଳନ କରିବା'' ଯେ ତାହାଙ୍କ ବାକ୍ୟ ପାଳନ କରେ, ତାହାଠାରେ ଈଶ୍ୱରଙ୍କ ପ୍ରେମ ପ୍ରକୃତ ରୂପେ ସିଦ୍ଧ ହୋଇଅଛି.....'' (୧ମ ଯୋହନ ୨:୫)

ଈଶ୍ୱରଙ୍କୁ ପ୍ରେମ କରିବାର ଅର୍ଥ :-

(୧) ଈଶ୍ୱରଙ୍କୁ ଆପଣା ଜୀବନରେ ପ୍ରଥମ ସ୍ଥାନ ଦେବା, ''.....ତୁମ୍ଭେମାନେ ପ୍ରଥମରେ ତାହାଙ୍କ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ କର.....'' (ମାଥିଉ ୬:୩୩)

(୨) ଈଶ୍ୱରଙ୍କୁ ପ୍ରେମ କରିବାର ଅର୍ଥ ଆପଣା ଠାରୁ ଆପଣା ପରିବାର ଠାରୁ ଅଧିକ ଭାବେ ଈଶ୍ୱରଙ୍କୁ ପ୍ରେମ କରିବା । ''କେହି ଯେବେ ମୋ ନିକଟକୁ ଆସି ଆପଣା ପିତା, ମାତା, ଭାର୍ଯ୍ୟା, ସନ୍ତାନ, ଭ୍ରାତା ଓ ଭଗ୍ନୀମାନଙ୍କୁ ଏପରିକି ଆପଣା ପ୍ରାଣକୁ ଅପ୍ରିୟ ଜ୍ଞାନ ନ କରେ, ତେବେ ସେ ମୋହର ଶିଷ୍ୟ ହୋଇପାରେ ନାହିଁ ।'' (ଲୂକ ୧୪:୨୬)

(୩) ଯୀଶୁଖ୍ରୀଷ୍ଟଙ୍କୁ ପ୍ରେମ କରିବାର ଅର୍ଥ, ଆପଣା କ୍ରୁଶ ବୋହି ତାହାଙ୍କୁ ଅନୁଗମନ କରିବା ।'' (ଲୂକ ୧୪:୨୭) (୪) ଈଶ୍ୱରଙ୍କୁ ପ୍ରେମ କରିବାର ଅର୍ଥ ଆପଣା ପ୍ରତିବାସୀକୁ ପ୍ରେମ କରିବା । (ଯାକୁବ ୨ୟ ପର୍ବ, ୧ମ ଯୋହନ ୩:୧୧-୨୪, ଯୋହନ ୧୫:୧୨)

(୫) ଈଶ୍ୱରଙ୍କୁ ପ୍ରେମ କରିବାର ଅର୍ଥ, ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନମାନଙ୍କୁ ଅନୁସରଣ କରିବା । ''ସେମାନେ ପ୍ରେରିତମାନଙ୍କୁ ଶିକ୍ଷାରେ, ସହଭାଗିତାରେ, ରୋଟୀ ଭାଙ୍ଗିବାରେ ଓ ପ୍ରାର୍ଥନା କରିବାରେ ନିବିଷ୍ଟ ଚିତ୍ତ ହୋଇ ରହିଲେ ।'' (ପ୍ରେରିତ ୨:୨୪)

(୬) ଈଶ୍ୱରଙ୍କୁ ପ୍ରେମ କରିବାର ଅର୍ଥ ମଣ୍ଡଳୀର ଉପାସନାରେ ନିୟମିତ ଭାବେ ଯୋଗ ଦେବା । ''ଆଉ କେହି କେହି ଯେପରି ଆମ୍ଭମାନଙ୍କୁ ମଣ୍ଡଳୀ ଉପାସନା ପରିତ୍ୟାଗ କରିଥାଆନ୍ତି, ଆମ୍ଭେମାନେ ସେପରି ନ କରୁ, ବରଂ ପରସ୍ପର ଉତ୍ସାହ ଦେଉ, ବିଶେଷତଃ ଯେତେବେଳେ ତୁମ୍ଭେମାନେ ପ୍ରଭୁଙ୍କ ଦିନ ନିକଟବର୍ତ୍ତୀ ହୋଇ ଆସୁଅଛି ବୋଲି ଦେଖୁଅଛୁ ।'' (ଏବ୍ରୀ ୧୦:୨୫)

(୭) ଈଶ୍ୱରଙ୍କୁ ପ୍ରେମ କରିବାର ଅର୍ଥ ତାହାଙ୍କ ବାକ୍ୟ ଧ୍ୟାନ କରିବା ।

"ଆହୁରି, ମୁଁ ତୁମ୍ଭର ଯେଉଁ ଆଜ୍ଞା ସମୂହ ସ୍ନେହ କରିଅଛି, ତହିଁ ନିକଟରେ କୃତାଞ୍ଜଳି ହେବି ।" (ଗୀତ ୧୧୯:୪୮, ୧୩)

(୮) ଈଶ୍ୱରଙ୍କୁ ପ୍ରେମ କରିବାର ଅର୍ଥ, ପ୍ରାର୍ଥନା ଦ୍ୱାରା ତାହାଙ୍କ ଅନୁଗ୍ରହ ସିଂହାସନ ନିକଟବର୍ତ୍ତୀ ହେବା ।

(୯) ଈଶ୍ୱରଙ୍କୁ ପ୍ରେମ କରିବାର ଅର୍ଥ, ତାହାଙ୍କ ସୁସମାଚାର ପ୍ରଚାର କରିବା ଓ (୧୦) ସୁସମାଚାର ପ୍ରଚାର କାର୍ଯ୍ୟ ନିମନ୍ତେ ସାହାଯ୍ୟ କରିବା । ପ୍ରେରିତ ପାଉଲ କରିନ୍ଥୀ ମଣ୍ଡଳୀକୁ, ସୁସମାଚାର ସେବା ନିମନ୍ତେ ଦେଉଥିବା ଦାନର ଆଶୀଷ ବିଷୟ ନବମ ଅଧ୍ୟାୟରେ ବର୍ଣ୍ଣନା କରନ୍ତି । (୨ କରିନ୍ଥୀ ୯ମ ପଦ)

ଯେଉଁମାନେ ପ୍ରଭୁଙ୍କୁ ପ୍ରେମ ନ କରନ୍ତି, ସେମାନେ ଏହି ଜଗତ ଓ ତହିଁର ଅଭିଳାଷକୁ ପ୍ରେମ କରନ୍ତି । ପ୍ରେରିତ ଯୋହନ ଲେଖନ୍ତି, "ସଂସାର କିଅବା ସେଥିରେ ଥିବା ବିଷୟକୁ ପ୍ରେମ ନ କର । କେହି ଯଦି ସଂସାରକୁ ପ୍ରେମ କରେ, ପିତାଙ୍କ ପ୍ରେମ ତାହାଠାରେ ନ ଥାଏ । କାରଣ ଶାରୀରିକ ଅଭିଳାଷ, ଚକ୍ଷୁର ଅଭିଳାଷ ଓ ଲୌକିକ ଗର୍ବ, ସଂସାରରେ ଥିବା ଏହି ସମସ୍ତ ବିଷୟ ପିତାଙ୍କ ଠାରୁ ନୁହେଁ, ମାତ୍ର ସଂସାରରୁ ଉତ୍ପନ୍ନ ହୋଇଥାଏ । ପୁଣି, ସଂସାର ଓ ସେଥିର ଅଭିଳାଷ ଅନିତ୍ୟ, ମାତ୍ର ଯେ ଈଶ୍ୱରଙ୍କ ଇଚ୍ଛା ପାଳନ କରେ,ସେ ନିତ୍ୟସ୍ଥାୟୀ ।" (୧ମ ଯୋହନ ୨:୧୫-୧୮) । ଦୀମା, "ଏହି ବର୍ତ୍ତମାନ ସଂସାରକୁ ପ୍ରେମ କରି" ପାଉଲଙ୍କୁ ପରିତ୍ୟାଗ କରିଥିଲେ । (୨ୟ ତୀମଥି ୪:୧୦) । "ହେ ସଦାପ୍ରଭୁଙ୍କ ପ୍ରେମକାରୀଗଣ, ତୁମ୍ଭେମାନେ ମନ୍ଦତା ଘୃଣା କର ।" (ଗୀତ ୯୭:୧୦)

ସଦାପ୍ରଭୁ ପରମେଶ୍ୱର ଓ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁ, ଆମ୍ଭମାନଙ୍କୁ ଚିରସ୍ଥାୟୀ ପ୍ରେମରେ ପ୍ରେମ କରି ଆସୁଅଛନ୍ତି । (ଯିରିମିୟ ୩୧:୩) । ଆସ ଆମ୍ଭେମାନେ ତାହାଙ୍କୁ ସମ୍ପୂର୍ଣ୍ଣ ରୂପେ ପ୍ରେମ କରି, ଶାପରୁ ମୁକ୍ତ ହୋଇ, ଆଶୀର୍ବାଦପ୍ରାପ୍ତ ହେବା । "ଯେତେ ଲୋକ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ ଚିରନ୍ତନ ପ୍ରେମରେ ପ୍ରେମ କରନ୍ତି, ଅନୁଗ୍ରହ ସେ ସମସ୍ତଙ୍କ ସହବର୍ତ୍ତୀ ହେଉ ।" (ଏଫିସୀ ୬:୨୪)

– ***Kabita Gootam***

❋❋❋

# ଖ୍ରୀଷ୍ଟଙ୍କ କନ୍ୟା
## (The Bride of Christ)

ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ଧୌତ ହୋଇ ପରିତ୍ରାଣ ପ୍ରାପ୍ତ ଜନସମୂହକୁ ବାଇବଲ
ବିଭିନ୍ନ ନାମରେ ନାମିତ କରେ । ଏହି ପରିତ୍ରାଣପ୍ରାପ୍ତ ବ୍ୟକ୍ତିମାନେ ଈଶ୍ୱରଙ୍କ ମନ୍ଦିର
ସ୍ୱରୂପ ଅଟନ୍ତି । (୧ମ କରିନ୍ଥୀ ୩:୧୬-୧୭) । ଏହା ଈଶ୍ୱରଙ୍କ ପରିବାର (ଗାଲାତୀ
୬:୧୦, ଏଫିସୀ ୨:୧୯, ଏବ୍ରୀ ୩:୬; ୧୦:୨୧) ରୂପେ ବର୍ଣ୍ଣନା କରାଯାଇଅଛି ।
ଖ୍ରୀଷ୍ଟଙ୍କ ମଣ୍ଡଳୀ (ମାଥିଉ ୧୬:୧୮, ରୋମୀୟ ୧୬:୧୬) । ଖ୍ରୀଷ୍ଟଙ୍କ ଶରୀର (୧ମ
କରିନ୍ଥୀ ୧୨:୧୨-୨୭, କଲସୀ ୧:୧୮), ଖ୍ରୀଷ୍ଟଙ୍କ ମେଷପଲ (ଯୋହନ ୧୦:୧୬)
ଏବଂ ଖ୍ରୀଷ୍ଟଙ୍କ ରାଜ୍ୟ (କଲସୀ ୧:୧୩) । ଏହାର ଅନ୍ୟାନ୍ୟ ନାମ ।

ଖ୍ରୀଷ୍ଟଙ୍କ ମଣ୍ଡଳୀକୁ ଖ୍ରୀଷ୍ଟଙ୍କ କନ୍ୟା ରୂପେ ବର୍ଣ୍ଣନା କରାଯାଇଅଛି । ପ୍ରେରିତ
ଯୋହନଙ୍କ ଦର୍ଶନରେ ଖ୍ରୀଷ୍ଟଙ୍କ କନ୍ୟାକୁ ବର୍ଣ୍ଣନା କରି କହନ୍ତି, "ପୁଣି ମୁଁ ପବିତ୍ର ନଗରୀ,
ଅର୍ଥାତ୍ ନୂତନ ଯିରୂଶାଲମକୁ ବର ନିମନ୍ତେ ସଜ୍ଜିତା କନ୍ୟାର ସଦୃଶ୍ୟ ପ୍ରସ୍ତୁତ ହୋଇ
ସ୍ୱର୍ଗରୁ ଈଶ୍ୱରଙ୍କ ନିକଟରୁ ଅବତରଣ କରିବାର ଦେଖିଲି । (ପ୍ର.ବା. ୨୧:୨) । ଏକ
ଦୂତ ଯୋହନଙ୍କୁ କହିଲେ, "....ଏଠାକୁ ଆସ, ମୁଁ ତୁମ୍ଭକୁ ସେହି କନ୍ୟା ଅର୍ଥାତ୍ ମେଷଶାବକ
ଭାର୍ଯ୍ୟାକୁ ଦେଖାଇବି । ସେଥିରେ ସେ ମୋତେ ଆତ୍ମାରେ ଗୋଟିଏ ବୃହତ୍ ଓ ଉଚ୍ଚ
ପର୍ବତକୁ ଘେନିଯାଇ ପବିତ୍ର ନଗରୀ ଯିରୂଶାଲମକୁ ଦେଖାଇଲେ । ତାହା ସ୍ୱର୍ଗରୁ ଈଶ୍ୱରଙ୍କ
ନିକଟରୁ ଅବତରଣ କରୁଥିଲା ।" (ପ୍ର.ବା. ୨୧:୯-୧୦, ଏବ୍ରୀ ୧୨:୨୨-୨୪,
୨ୟ ପିତର ୩:୧୩)

ଖ୍ରୀଷ୍ଟ ଓ ତାହାଙ୍କ କନ୍ୟା ମଣ୍ଡଳୀ ମଧ୍ୟରେ ପ୍ରେମର ସୁଦୃଢ଼ ବନ୍ଧନ ରହିଅଛି ।
ଖ୍ରୀଷ୍ଟ ମନୁଷ୍ୟମାନଙ୍କୁ ପ୍ରେମ କରି, ଆମ୍ଭମାନଙ୍କୁ ପରିତ୍ରାଣ କରିବା ନିମନ୍ତେ ସେ
ଆପଣାକୁ ବଳି ରୂପେ ଉତ୍ସର୍ଗ କରିଥିଲେ । (ପ୍ରେରିତ ୨୯:୩୨, ଏଫିସୀ ୩:୮-୧୧,
ଏବ୍ରୀ ୫:୯) । ଖ୍ରୀଷ୍ଟଙ୍କ ରକ୍ତ ପ୍ରତ୍ୟେକ ମନୁଷ୍ୟର ସମସ୍ତ ପାପ ଧୌତ କରିବାରେ ସମର୍ଥ
ଅଟେ । (ଯୋହନ ୩:୧୬)

ଯୀଶୁ ଆମ୍ଭମାନଙ୍କୁ ଏତେ ପ୍ରେମ କଲେ ଯେ, ସେ ଆପଣାକୁ ବଳିରୂପେ ଉତ୍ସର୍ଗ
କଲେ । (ଗାଲାତୀ ୨:୨୦, ଏଫିସୀ ୫:୨, ତିତସ ୨:୧୪, ୧ମ ଯୋହନ ୩:୧୬,
ଫିଲିପି ୨:୫-୧୧) । "ହେ ସ୍ୱାମୀମାନେ, ଖ୍ରୀଷ୍ଟ ଯେପରି ମଣ୍ଡଳୀକି ପ୍ରେମ କଲେ,
ତୁମ୍ଭେମାନେ ମଧ୍ୟ ସେହିପରି ଆପଣା ଆପଣା ସ୍ତ୍ରୀମାନଙ୍କୁ ପ୍ରେମ କର, ସେ ତ ତାହା

ନିମନ୍ତେ ଆପଣାକୁ ଉତ୍ସର୍ଗ କଲେ । ଯେପରି ବାକ୍ୟ ଓ ଜଳପ୍ରକ୍ଷାଳନ ଦ୍ୱାରା ସେ ତାହାଙ୍କୁ ପରିଷ୍କାର କରି ପବିତ୍ର କରନ୍ତି, ଯେପରି ମଣ୍ଡଳୀ ନିଷ୍କଳଙ୍କ, ନିଖୁନ୍ତ ଓ ସମସ୍ତ ପ୍ରକାର ଦୋଷ ରହିତ ହୋଇ ପବିତ୍ର ଓ ଅନିନ୍ଦନୀୟ ହୁଏ, ଆଉ ଏହିପରି ଗୌରବ ଅବସ୍ଥାରେ ସେ ତାହାକୁ ଆପଣା ନିକଟରେ ଉପସ୍ଥିତ କରନ୍ତି ।'' (ଏଫିସୀ ୫:୨୫-୨୭)

ଈଶ୍ୱର ଓ ଖ୍ରୀଷ୍ଟ ଆମ୍ଭମାନଙ୍କୁ ପ୍ରେମ କରୁଥିବାରୁ ଆମ୍ଭେମାନେ ମଧ୍ୟ ଈଶ୍ୱର ଓ ଯୀଶୁଖ୍ରୀଷ୍ଟଙ୍କୁ ପ୍ରେମ କରୁ । ''ସେ ପ୍ରଥମରେ ଆମ୍ଭମାନଙ୍କୁ ପ୍ରେମ କରିଥିବାରୁ, ଆମ୍ଭେମାନେ ପ୍ରେମ କରୁ ।'' (୧ମ ଯୋହନ ୪:୧୯) । ତାହାଙ୍କ ସନ୍ତୋଷଜନକ ଓ ଗ୍ରାହ୍ୟ ଯୋଗ୍ୟ ଆଜ୍ଞାପାଳନ କରିବା ଆବଶ୍ୟକ । (୧ମ ଯୋହନ ୨:୫-୬, ୩:୨୨) ''ହେ ସ୍ତ୍ରୀମାନେ, ତୁମ୍ଭେମାନେ ଯେପରି ପ୍ରଭୁଙ୍କର ବଶୀଭୂତା, ସେହିପରି ଆପଣା ଆପଣା ସ୍ୱାମୀର ବଶୀଭୂତା ହୁଅ, କାରଣ ଖ୍ରୀଷ୍ଟ ଯେପରି ମଣ୍ଡଳୀର ମସ୍ତକ ସ୍ୱରୂପ, ସ୍ୱାମୀ ମଧ୍ୟ ସେହିପରି ସ୍ତ୍ରୀର ମସ୍ତକ ସ୍ୱରୂପ, ପୁଣି ଖ୍ରୀଷ୍ଟ ଆପଣା ଶରୀର ରୂପ ମଣ୍ଡଳୀର ତ୍ରାଣକର୍ତ୍ତା । ହଁ, ମଣ୍ଡଳୀ ଯେପରି ଖ୍ରୀଷ୍ଟଙ୍କର ବଶୀଭୂତା, ସେହିପରି ସ୍ତ୍ରୀମାନେ ମଧ୍ୟ ସବୁ ବିଷୟରେ ଆପଣା ଆପଣା ସ୍ୱାମୀର ବଶୀଭୂତା ହୁଅନ୍ତୁ । (.....ତୁମ୍ଭେମାନେ ପ୍ରତ୍ୟେକେ ମଧ୍ୟ ଆପଣା ଆପଣା ସ୍ତ୍ରୀକୁ ଆତ୍ମତୁଲ୍ୟ ପ୍ରେମ କର, ଆଉ ସ୍ତ୍ରୀ ମଧ୍ୟ ଆପଣା ସ୍ୱାମୀକି ଭକ୍ତି କରୁ ।'' (ଏଫିସୀ ୫:୨୨-୨୪,୩୩)

କୌଣସି ସ୍ୱାମୀ, ଆପଣା ଭାର୍ଯ୍ୟା ଅନ୍ୟ ପୁରୁଷର ଅନୁସରଣ କରିବା ଇଚ୍ଛା କରିବ ନାହିଁ । ଖ୍ରୀଷ୍ଟ, ଈଶ୍ୱରଙ୍କ ପୁତ୍ର,ସର୍ବାଧିକାରୀ ଅଟନ୍ତି । (ପ୍ରେରିତ ୯:୨୦, ଏଫିସୀ ୧:୧୯,୨୩) । ଏକ ସ୍ତ୍ରୀ ଅନ୍ୟ ପୁରୁଷର ଅନୁସରଣ କରିବା ଲଜ୍ଜାଜନକ ଓ ପାପମୟ ଅଟେ । ତଦ୍ ସଦୃଶ୍ୟ ଖ୍ରୀଷ୍ଟଙ୍କ ବଧୂ ରୂପ ମଣ୍ଡଳୀ, ମାନବ ସ୍ଥାପିତ ନିୟମାବଳୀ ଅନୁସରଣ କରିବା କେତେ ଅସଙ୍ଗତ ବିଷୟ ! ଖ୍ରୀଷ୍ଟଙ୍କ ନାମ ବ୍ୟତୀତ ମନୁଷ୍ୟମାନଙ୍କ ଧାରଣ କରିବା କି ଯୁକ୍ତିଯୁକ୍ତ ? ଖ୍ରୀଷ୍ଟଙ୍କ ନିୟମାବଳୀରୁ କେତେକ ନିୟମ ଯୋଗ କରିବା, କିଅବା ବିଯୋଗ କରିବା ଖ୍ରୀଷ୍ଟଙ୍କୁ ଅବମାନନା କରିବା ସମାନ । ଖ୍ରୀଷ୍ଟଙ୍କ ମଣ୍ଡଳୀର ବିଶ୍ୱସ୍ତ ରହିବାରେ ସାହାଯ୍ୟ କରିବା ପ୍ରତ୍ୟେକ ସଭ୍ୟର କର୍ତ୍ତବ୍ୟ । ଖ୍ରୀଷ୍ଟ ମୃତ୍ୟୁଭୋଗୀ ଆମ୍ଭମାନଙ୍କୁ କ୍ରୟ କରିଅଛନ୍ତି । ଆମ୍ଭମାନଙ୍କ ସାହାଯ୍ୟ ତାହାଙ୍କ ନିକଟରୁ ଆସେ । ସେ ଆମ୍ଭମାନଙ୍କ ଆଦର୍ଶ ଏବଂ ପ୍ରତ୍ୟେକ ଅବାଶ୍ୟକତା ପୂରଣ କାରୀ ପରମେଶ୍ୱର ଅଟନ୍ତି । (ପ୍ରେରିତ ୨୦:୨୮, ୧ମ ଯୋହନ ୧:୭, ଯୋହନ ୮:୩୧-୩୨, ୧୪:୧୫, ୨୧-୨୪, ଏବ୍ରୀ ୧୦:୧୯-୨୫, ରୋମୀୟ ୮:୩୪-୩୯) ।

''ଏହି କାରଣରୁ ପୁରୁଷ ପିତାମାତାଙ୍କୁ ପରିତ୍ୟାଗ କରି ନିଜ ସ୍ତ୍ରୀ ଠାରେ

ଆସକ୍ତ ହେବ, ଆଉ ସେ ଦୁହେଁ ଏକାଙ୍ଗ ହେବେ । ଏହା ଗୋଟିଏ ନିଗୂଢ଼ ତତ୍ତ୍ୱ, କିନ୍ତୁ ମୁଁ ଖ୍ରୀଷ୍ଟ ଓ ମଣ୍ଡଳୀ ସମ୍ବନ୍ଧରେ ଏହା କହୁଅଛି ।'' (ଏଫିସୀ ୫:୩୧-୩୨) । ଖ୍ରୀଷ୍ଟଙ୍କ ବଧୂ ଏହି ସଂସାରର ବନ୍ଧନରୁ ମୁକ୍ତ ରହିବା ଆବଶ୍ୟକ (ରୋମୀୟ ୧୨:୧-୨) । ଆମ୍ଭମାନଙ୍କ ଦୈନିକ ଜୀବନ, ଆମ୍ଭମାନଙ୍କ ଆରାଧନା, ଆମ୍ଭମାନଙ୍କ ଶିକ୍ଷା ବିଶୁଦ୍ଧ ରହିବା ଆବଶ୍ୟକ (ମାଥିଉ ୫:୮, ୧୫:୭-୧୪; ଗାଲାତୀ ୧:୬-୯; ୧ମ ପିତର ୧:୧୪-୧୫) । ଆପଣା ନିମନ୍ତେ ଖ୍ରୀଷ୍ଟଙ୍କ ଇଚ୍ଛା ଜାଣିବା ନିମନ୍ତେ ଆମ୍ଭେମାନେ ନିରନ୍ତର ତାହାଙ୍କ ବାକ୍ୟ ଧ୍ୟାନ କରୁ । (୨ ତୀମଥି ୨:୧୫, ୧ମ ଥେସ ୫:୨୧) । ତାହାଙ୍କ ବଧୂ ତାହାଙ୍କ ଦତ୍ତ ଶିକ୍ଷା, ଯାହା ପ୍ରେରିତମାନଙ୍କ ଦ୍ୱାରା ଦତ୍ତ ହୋଇ ନ ଥିଲା ଜ୍ଞାତ ହୋଇ ପାଳନ କରିବା ଆବଶ୍ୟକ । (ଯୋହନ ୭:୧୬, ପ୍ରେରିତ ୨:୪୨, ପ୍ରକାଶିତ ୨:୧-୭) ।

କ୍ଲେଶ, ଦୁଃଖ, ତାଡ଼ନା ଭୋଗିଲେ ସୁଦ୍ଧା, ଖ୍ରୀଷ୍ଟଙ୍କ ଠାରେ ବିଶ୍ୱସ୍ତ ରହୁ । (ରୋମୀୟ ୮:୩୫-୩୯, ୧ମ ପିତର ୩:୧୩-୧୭, ୪:୧୬; ମାଥିଉ ୫:୧୦-୧୨) । ଯୀଶୁଖ୍ରୀଷ୍ଟ ବିଶ୍ୱସ୍ତ ଅଟନ୍ତି, ତାହାଙ୍କ ମଧ୍ୟ 'ଖ୍ରୀଷ୍ଟଙ୍କ ମଣ୍ଡଳୀ' ଯେ ଆମ୍ଭେମାନେ, ଆମ୍ଭେମାନେ ବିଶ୍ୱସ୍ତ ରହୁ । ଯୀଶୁଖ୍ରୀଷ୍ଟ, ତାହାଙ୍କ ବଧୂ ତାହାଙ୍କ ବାର୍ତ୍ତା ସର୍ବଜଗତରେ ପ୍ରଚାର କରିବା ଇଚ୍ଛା କରନ୍ତି । (ମାର୍କ ୧୬:୧୫-୧୬, ୧ମ ତୀମଥି ୨:୩-୬, ଗାଲାତୀ ୬:୧୦, ତିତସ ୨:୧୧-୧୫, ଯାକୁବ ୧:୨୭)

''ଆଉ ମୁଁ ମହାଜନତାର ଶବ୍ଦ ପରି ଏବଂ ବହୁଜଳ କଲ୍ଲୋଳ ଓ ଘୋର ମେଘଗର୍ଜ୍ଜନ ଶବ୍ଦ ପରି ଗୋଟିଏ ଶବ୍ଦ ଏହା କରିବାର ଶୁଣିଲି, ହାଲ୍ଲେଲୂୟା, କାରଣ ପ୍ରଭୁ ଆମ୍ଭମାନଙ୍କର ସର୍ବଶକ୍ତିମାନ ଈଶ୍ୱର ରାଜତ୍ୱ ଗ୍ରହଣ କରିଅଛନ୍ତି । ଆସ, ଆମ୍ଭେମାନେ ଆନନ୍ଦ ଓ ଉଲ୍ଲାସ କରୁ ଏବଂ ତାହାଙ୍କୁ ଗୌରବ ପ୍ରଦାନ କରୁ, କାରଣ ମେଷ ଶାବକଙ୍କ ବିବାହ ସମୟ ଉପସ୍ଥିତ, ଆଉ ତାହାଙ୍କ କନ୍ୟା ଆପଣାକୁ ସଜ୍ଜିତ କରିଅଛି । ତାହାକୁ ଶୁଭ୍ର ଓ ପରିଷ୍କୃତ ସୂକ୍ଷ୍ମ ବସ୍ତ୍ର ପରିଧାନ କରିବା ନିମନ୍ତେ ଦିଆଗଲା, ସେହି ସୂକ୍ଷ୍ମବସ୍ତ୍ର ସାଧୁମାନଙ୍କ ଧର୍ମକର୍ମ । ସେତେବେଳେ ସେ ମୋତେ କହିଲେ, ଲେଖ, ଯେଉଁମାନେ ମେଷଶାବକଙ୍କ ବିବାହ ଭୋଜକୁ ନିମନ୍ତ୍ରିତ, ସେମାନେ ଧନ୍ୟ.........'' (ପ୍ରକାଶିତ ୧୯:୬-୯) ।

– *J.L. Leifeste*

# ବାଇବଲ
## (The Bible)

ଆଦି ପୁସ୍ତକର ପ୍ରଥମ ପୁସ୍ତକ ଠାରୁ ପ୍ରକାଶିତ ବାକ୍ୟର ଶେଷ ପୁସ୍ତକର ସମୟ ପାରିଧି, ଶାସ୍ତ୍ରଜ୍ଞମାନଙ୍କ ହିସାବ ଅନୁଯାୟୀ ୪୧୦୦ ବର୍ଷ । ବାଇବଲ ପ୍ରଥମ ଲେଖକ ମୋଶା ଓ ଶେଷ ଲେଖକ ପ୍ରେରିତ ଯୋହନଙ୍କ ମଧ୍ୟରେ ୧୬୦୦ ବର୍ଷ ବ୍ୟବଧାନ । ବାଇବଲ ୪୦୦୦ ବର୍ଷର ଇତିହାସ ଲିଖିତ ହୋଇଅଛି । ଖ୍ରୀଷ୍ଟଙ୍କ ଜନ୍ମର ୧୫୦୦ ବର୍ଷ ପୂର୍ବରୁ ଓ ତାହାଙ୍କ ଜନ୍ମର ୧୦୦ ବର୍ଷ ସମୟ ପାରିଧିରେ ୪୦ ଜଣ ଲେଖକଙ୍କ ଦ୍ୱାରା ଲିଖିତ ହୋଇଅଛି । ପ୍ରଶ୍ନ ଉଠେ, କେଉଁମାନେ ଏହି ପବିତ୍ର ଓ ପ୍ରସିଦ୍ଧ ପୁସ୍ତକର ଲେଖକଗଣ ? ସେମାନେ କି ମହାଜ୍ଞାନୀ ? କିଅବା ଶାସ୍ତ୍ରବେତ୍ତା କିଅବା ଧନସମ୍ଭ୍ରମଶାଳୀ ? ପ୍ରକୃତରେ ସେମାନେ କିଏ ?

ବାଇବଲର ଲେଖକମାନଙ୍କ ପିତୃପୁରୁଷମାନେ ମିସର ଦେଶରେ ଚାରିଶହ ବର୍ଷ ଦାସତ୍ୱ କରିଥିଲେ । ସେମାନଙ୍କ ପିତାମାନେ ମିସରର ସୂର୍ଯ୍ୟ ତଳେ କଠୋର ଦାସତ୍ୱରେ ଜୀବନଯାପନ କରିଥିଲେ । ରସୁଣ ଓ ପିଆଜ ସେମାନଙ୍କ ଖାଦ୍ୟ ଥିଲା । ସେମାନଙ୍କ ସାଧାରଣ ମନୁଷ୍ୟର ଜୀବନ ପାରିଧି କେବଳ ତିନିମାସ । ସେମାନଙ୍କ ଛଅଲକ୍ଷ ଯୋଦ୍ଧା, ଅସଂଖ୍ୟ ସ୍ତ୍ରୀ ଓ ପିଲାପିଲିମାନେ ରକ୍ତ ସମୁଦ୍ରର ମଧ୍ୟ ଦେଇ ଶୁଷ୍କଭୂମିରେ ଯାତ୍ରା କଲେ ଓ ଦୀର୍ଘ ଚାଳିଶି ବର୍ଷ ପର୍ଯ୍ୟନ୍ତ ପ୍ରାନ୍ତରରେ ଭ୍ରମଣ କଲେ । ସ୍ୱର୍ଗୀୟ ମାନ୍ନା ଓ ପ୍ରସ୍ତର ଜଳ ଆକାଶରୁ ପକ୍ଷୀ ସେମାନଙ୍କ ଭକ୍ଷ୍ୟ ଥିଲା । ସାତ ହଜାର ମାଇଲ ଥିବା ଚତୁଷ୍କୋଣ ବିଶିଷ୍ଟ ଏକ କ୍ଷୁଦ୍ର ରାଷ୍ଟ୍ର ଥିଲା । ଏହି ଏକାନ୍ତ ପ୍ରଦେଶରେ ପରମେଶ୍ୱରଙ୍କ ଏହି ଗୋଷ୍ଠୀ ଜୀବନଯାପନ କଲେ ଓ ଭାବବାଦୀମାନେ, ଧାର୍ମିକମାନେ ଇତିହାସ, ଭାବବାଣୀ ଲେଖିଥିଲେ ।

ସେମାନଙ୍କର କୌଣସି ପୁସ୍ତକାଳୟ ନ ଥିଲା । କିଅବା ଆପଣା ବକ୍ତବ୍ୟ ପ୍ରଚାର କରିବା ନିମନ୍ତେ 'ଖବର କାଗଜ' ନ ଥିଲା । Telephone, Telegraph କିମ୍ବା Radioର ଉଦ୍ଭାବନ ହୋଇ ନ ଥିଲା । 'ସମାଚାର ପ୍ରଚାର'ର ଆଧୁନିକ ଯାନ୍ତ୍ରିକର ସାହାଯ୍ୟ ନ ଥିଲା । ଲେଖକମାନଙ୍କ ମଧ୍ୟରେ କୌଣସି ଭାବେ ସହଯୋଗ

ବା ସମ୍ପର୍କ ନ ଥିଲା । କାରଣ ସେମାନେ ବିଭିନ୍ନ ସମୟରେ, ବିଭିନ୍ନ ସ୍ଥାନରେ ପୁସ୍ତକ ଲେଖିଥିଲେ, ତଥାପି ପ୍ରତ୍ୟେକ ପୁସ୍ତକଙ୍କ ଲେଖକଙ୍କ ଏକମାତ୍ର ଉଦ୍ଦେଶ୍ୟ ପ୍ରସ୍ଫୁଟିତ ହୁଏ । ମନୁଷ୍ୟ – ତାହାର ଉତ୍ପତ୍ତି, କର୍ତ୍ତବ୍ୟ – ଅନନ୍ତ ଗମ୍ୟ । ଚାଳିଶି ବ୍ୟକ୍ତିମାନଙ୍କ ଦ୍ୱାରା ୪୧୦୦ ବର୍ଷ ପାରିଧିରେ ଛଅଷଠି ପୁସ୍ତକ ଲିଖିତ ହୋଇଥିଲା । ତଥାପି ସେମାନଙ୍କ ଲେଖନୀର ତାତ୍ପର୍ଯ୍ୟ ଏକ ଅଟେ । ଐତିହାସିକ ଘଟଣାର ଉଲ୍ଲେଖରେ ମଧ୍ୟ କୌଣସି ଭେଦଭାବ ପାଇ ନ ପାରୁ ।

କୌଣସି ଦୁଇ ଲେଖକ, ଏକ ବିଷୟବସ୍ତୁ କିପରି ଭାବେ ଏକମତ ହୋଇ କିଅବା ବିମତ ହୋଇ ଲେଖି ପାରିବେ ? ଦୀର୍ଘ ସମୟ ଧରି ଏକ ପୁସ୍ତକ ଲେଖିଥିବା ଲେଖକଙ୍କ ପାଣ୍ଡୁଲିପିରେ ପରିବର୍ତ୍ତନ ଆସେ, ଏପରି ପରିବର୍ତ୍ତନ ଆସିବା, ବାଇବଲର ଲେଖନୀରେ ଦେଖାଯାଏ ନାହିଁ । ଏହିସବୁ କିପରି ସମ୍ଭବପର ହୋଇଅଛି ? କାରଣ– ବାଇବଲର ପ୍ରକୃତ କର୍ତ୍ତା ପିତା ପରମେଶ୍ୱର ଅଟନ୍ତି । ଲେଖକମାନେ ପବିତ୍ର ଆତ୍ମାଙ୍କ ପରିଚାଳନାରେ ଲେଖିଥିଲେ । ପବିତ୍ର ଆତ୍ମାଙ୍କ ନିଶ୍ୱସିତ "ପବିତ୍ର ବାଇବଲ" ଆମ୍ଭେମାନେ ଅନୁସରଣ କଲେ, ଆଶୀର୍ବାଦ ପ୍ରାପ୍ତ ହୋଇ ପରମେଶ୍ୱରଙ୍କ ନିକଟବର୍ତ୍ତୀ ହୋଇପାରିବୁ ।

***- N.B. Hardman***

❋❋❋

# ବୁଝିବା ପାଇଁ କି ପଢୁଅଛନ୍ତି ?

**(Are you reading to understand ?)**

ଅନେକ ସମୟରେ ଆମ୍ଭେମାନେ ବାଇବଲର ବାକ୍ୟ ପଢୁ, କିନ୍ତୁ ବୁଝି ନ ପାରୁ । ବାଇବଲ ଏକମାତ୍ର ପୁସ୍ତକ ଯାହା ଆମ୍ଭମାନଙ୍କୁ ଏହି ଜଗତରୁ ପରଲୋକକୁ କଢ଼ାଇ ନେଇପାରେ । (ଲୂକ ୧୬:୨୯,୩୧) । ତାହା ବୁଝିବା ଅତ୍ୟାବଶ୍ୟକ । ଆମ୍ଭମାନଙ୍କ ଜୀବନ ଓ ଆତ୍ମାର ମଙ୍ଗଳ ଦାୟକ ଆଜ୍ଞାଗୁଡ଼ିକ ନୂତନ ନିୟମରେ ଲିଖିତ ହୋଇଅଛି । ଯାହା ପାଳନ କଲେ ଆମ୍ଭେମାନେ ଅନନ୍ତଜୀବନ ପ୍ରାପ୍ତ ହୋଇପାରିବା ।

**ପ୍ରତ୍ୟକ୍ଷ ଆଜ୍ଞା :** ପବିତ୍ର ଆତ୍ମାଙ୍କ ଦ୍ୱାରା ଚାଳିତ ହୋଇ ମାଥିଉ ଲେଖିଥିବା ଯୀଶୁଖ୍ରୀଷ୍ଟଙ୍କ ପ୍ରତ୍ୟକ୍ଷ ଆଜ୍ଞା ଲିଖିତ ହୋଇଅଛି । ଯାହା କହେ, "ଅତଏବ, ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ, ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି, ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର, ଆଉ ଦେଖ, ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ଅଛି ।" (ମାଥିଉ ୨୮:୧୯-୨୦, ଯୋହନ ୧୬:୧୩, ୨ୟ ତୀମଥିଏ:୧୬) । ଯୀଶୁଖ୍ରୀଷ୍ଟଙ୍କ ଏହି ଆଜ୍ଞା ପ୍ରତ୍ୟେକ ମନୁଷ୍ୟଙ୍କୁ ବର୍ତ୍ତାଏ । ଏହି ଆଜ୍ଞା ପାଳନ ନ କରିବା ପ୍ରତ୍ୟେକେ ବିନଷ୍ଟ ହେବେ ।

**ଶିକ୍ଷା :** ୧ମ ଯୋହନ ୪:୭ ପଦରେ, ଖ୍ରୀଷ୍ଟିୟାନମାନେ ପରସ୍ପରକୁ ପ୍ରେମ କରିବା ନିମନ୍ତେ ଆଜ୍ଞାପିତ ହୋଇଅଛନ୍ତି । ଏହି ଆଜ୍ଞା ପ୍ରତ୍ୟେକ ଖ୍ରୀଷ୍ଟିୟାନ ପାଳନ କରିବା ଆବଶ୍ୟକ । ପରସ୍ପରକୁ ପ୍ରେମ ନ କଲେ, ପିତା ପରମେଶ୍ୱରଙ୍କୁ କିପରି ଭାବେ ପ୍ରେମ କରିପାରିବା ? **ଉଦାହରଣ:-** ଯୀଶୁଖ୍ରୀଷ୍ଟ ଏହି ଜଗତରେ ଥିବା ବେଳେ ଅନେକ କାର୍ଯ୍ୟ କରିଥିଲେ । ଅନେକ ଶିକ୍ଷା ଦେଇଥିଲେ । ତାହାଙ୍କ ସମସ୍ତ କାର୍ଯ୍ୟ ଓ ଶିକ୍ଷା ନୂତନ ନିୟମରେ ଲିଖିତ ହୋଇନାହିଁ । ଲୂକ ୨୨:୧୯,୨୦ ପଦରେ ଯୀଶୁଖ୍ରୀଷ୍ଟ ପ୍ରଭୁଭୋଜ ପାଳନ କରିବା ନିମନ୍ତେ ଆଜ୍ଞା ଦେଇଅଛନ୍ତି । କିନ୍ତୁ, କେଉଁଦିନ ପାଳନ କରିବା ଆବଶ୍ୟକ ସେ ଶିକ୍ଷା ଦେଇ ନ ଥିଲେ । ତାହାଙ୍କ ଦ୍ୱାରା ନିଯୁକ୍ତ ପ୍ରେରିତଗଣ ପ୍ରତି ସପ୍ତାହର ପ୍ରଥମ ଦିନରେ ପ୍ରଭୁଭୋଜ ପାଳନ କରିଥିବାରୁ, ଆମ୍ଭେମାନେ ସେମାନଙ୍କ ଆଦର୍ଶ ଅନୁସରଣ କରୁ ।

**ମୌନତା :-** ଶାସ୍ତ୍ରର ମୌନତାକୁ ଆମ୍ଭେମାନେ ସମ୍ମାନ କରୁ । ସଦାପ୍ରଭୁ ଏକ ଆଜ୍ଞା ଦେବା ସମୟରେ ତାହାଙ୍କ ଇଚ୍ଛା ସେ ପ୍ରକଟ କରନ୍ତି । ତାହାଙ୍କ ଇଚ୍ଛା ବିରୁଦ୍ଧ ବିଷୟ ସେ ଆଜ୍ଞା ଦେଇ ନାହାନ୍ତି । ଉଦାହରଣ:- ସଦାପ୍ରଭୁ ନୋହଙ୍କୁ ଗୋଫର କାଷ୍ଠରେ ଜାହାଜ ନିର୍ମାଣ କରିବାକୁ ଆଦେଶ ଦେଇଥିଲେ । ନୋହ ଗୋଫର କାଷ୍ଠ ବିନୁ ଅନ୍ୟ କୌଣସି କାଷ୍ଠରେ ଜାହାଜ ନିର୍ମାଣ କରିବାର ଅର୍ଥ ସଦାପ୍ରଭୁଙ୍କ ଆଜ୍ଞା ଅମାନ୍ୟ କରିବା । ଆଜିର ସମାଜ ସଦାପ୍ରଭୁଙ୍କ ଆଜ୍ଞା ପାଳନ କରୁନାହାନ୍ତି । ତେଣୁକରି ଅନେକ ମତଶାଖାର ଉଦ୍ଭାବନ ହୋଇଅଛି ।

ସଦାପ୍ରଭୁ ତାହାଙ୍କ ବାକ୍ୟରେ ଯେଉଁ କଞ୍ଚି ରଖି ଅଛନ୍ତି, ତାହା କି ଆପଣ ଖୋଲୁଅଛନ୍ତି (ପ୍ରେରିତ ୮:୩୧) ଈଶ୍ୱରଙ୍କ ବାକ୍ୟ କି ତାହା ବୁଝୁ ଅଛନ୍ତି ? ଏହା ଆପଣଙ୍କ ନିତ୍ୟର୍ଣ୍ଣ ନିର୍ଭର କରେ ।

- ***Rod Kyle***

❋ ❋ ❋

# ପ୍ରଭୁଙ୍କ ଦିନ
## (The Day of Lord)

ପ୍ରେରିତ ପିତର ଖ୍ରୀଷ୍ଟିୟାନମାନଙ୍କୁ ଲେଖନ୍ତି, ''ପ୍ରଭୁଙ୍କ ଦିନ ଚୋର ପରି ଉପସ୍ଥିତ ହେବ । ସେହିଦିନ ଆକାଶମଣ୍ଡଳ ମହାଶବ୍ଦ ସହ ଲୋପ ପାଇବ । ପୁଣି ମୌଳିକ ବସ୍ତୁ ସବୁ ପ୍ରଚଣ୍ଡ ଉତ୍ତାପରେ ତରଳିଯିବ ଏବଂ ପୃଥିବୀ ଓ ତନ୍ମଧ୍ୟସ୍ଥ ମନୁଷ୍ୟକୃତ ବସ୍ତୁ ସବୁ ଦଗ୍ଧ ହେବ । ଏହି ସମସ୍ତ ବିଷୟ ଏହି ପ୍ରକାରେ ଲୁପ୍ତ ହେବାରୁ, ଈଶ୍ୱରଙ୍କ ଯେଉଁଦିନରେ ଆକାଶମଣ୍ଡଳ ଜଳିଉଠି ଲୁପ୍ତ ହେବ ଓ ମୌଳିକ ବସ୍ତୁସବୁ ପ୍ରଚଣ୍ଡ ଉତ୍ତାପରେ ତରଳିଯିବ, ସେହିଦିନର ଆଗମନ କରି, ତାହା ଯେପରି ଶୀଘ୍ର ଆସିବ ଏଥିପାଇଁ ତୁମ୍ଭମାନଙ୍କର କିପରି ସଦାଚାରୀ ଓ ଧର୍ମପରାୟଣ ହେବା ଉଚିତ । ଆମ୍ଭେମାନେ ତାହାଙ୍କ ପ୍ରତିଜ୍ଞାନୁସାରେ ଗୋଟିଏ ନୂତନ ଆକାଶମଣ୍ଡଳ ଓ ନୂତନ ପୃଥିବୀର ଅପେକ୍ଷାରେ ଅଛୁ, ଯାହା ଧାର୍ମିକତାର ଆବାସସ୍ଥଳ ହେବ । ଅତଏବ, ହେ ପ୍ରିୟମାନେ ଏହି ସମସ୍ତ ବିଷୟ ଅପେକ୍ଷା କରୁଥିବାରୁ ତାହାଙ୍କ ଛାମୁରେ ଯେପରି ନିଷ୍କଳଙ୍କ ଓ ଅନନ୍ଦନୀୟ ହୋଇ ଶାନ୍ତିରେ ଥିବାର ଦେଖାଯିବ, ଏଥିପାଇଁ ଯତ୍ନ କର ।'' (୨ୟ ପିତର ୩:୧୦-୧୪)

ଏଠାରେ ପ୍ରେରିତ ପିତର ଏହି ଜଗତର 'ଶେଷଦିନ' ବିଷୟରେ ବର୍ଣ୍ଣନା କରିଅଛନ୍ତି, ''ଚୋରର ପରିଦିନ'' ନିମନ୍ତେ ସର୍ବଦା ପ୍ରସ୍ତୁତ ରହିବା ଆମ୍ଭମାନଙ୍କ ଲକ୍ଷ୍ୟ ହେଉ । ଏହି ଜଗତରେ ଆମ୍ଭମାନଙ୍କ ଜୀବନ କ୍ଷଣଭଙ୍ଗୁର ଓ ଅନିତ୍ୟ । ନୂତନ ଆକାଶ ଓ ନୂତନ ପୃଥିବୀରେ ଅନନ୍ତକାଳ ନିବାସ କରିବା ଆମ୍ଭମାନଙ୍କ ପ୍ରଥମ ଲକ୍ଷ୍ୟ ହେଉ ।

ପ୍ରେରିତ ପାଉଲ ଏହି ପତ୍ରିକା ୨୦୦୦ ବର୍ଷ ପୂର୍ବେ ଲେଖିଥିଲେ । ତାହାଙ୍କ ଶିକ୍ଷା ଅନେକ ଅପହାସ (୨ ପିତର ୩:୩,୪) ଏବଂ ଅନେକେ ତାହାଙ୍କ ସତର୍କତା ହେୟ ଜ୍ଞାନ କଲେ, କିନ୍ତୁ ସଦାପ୍ରଭୁ ତାହାଙ୍କ ପ୍ରତିଜ୍ଞା ବିଷୟରେ ଅବହେଳା କରନ୍ତି ନାହିଁ । (୯ମ ପଦ) । ସେ ଯାହା କରିଅଛନ୍ତି, ତଦ୍‌ରୂପ କାର୍ଯ୍ୟ କରିବେ । କ୍ଲେଶ, କଷ୍ଟ, ଯୁଦ୍ଧ, ଅନିଶ୍ଚିତତାର ପରିସ୍ଥିତି ଥିବା ଜଗତରେ ଆମ୍ଭେମାନେ ଜୀବନଯାପନ କରୁଅଛୁ । ମନୁଷ୍ୟ ଜାତି କ୍ଷୁଧା, ରୋଗ ଓ ଅପରାଧ ଯୋଗୁଁ କ୍ଲେଶ ଭୋଗ କରୁଅଛନ୍ତି । ମନୁଷ୍ୟର ଦୁଃଖ, କଷ୍ଟ, ପାପ ଠାରୁ ଯୀଶୁଖ୍ରୀଷ୍ଟ ଓ ତାହାଙ୍କ ମଣ୍ଡଳୀ ହିଁ ଉଦ୍ଧାର କରିବା ସମର୍ଥ ପରମେଶ୍ୱର ଅଟନ୍ତି । ଆମ୍ଭେମାନେ ଦୈନିକ ଜୀବନରେ ବ୍ୟସ୍ତ ରହି ପରମେଶ୍ୱରଙ୍କ କାର୍ଯ୍ୟରେ ଅବହେଳା କରିଥାଉଁ । ମରଣ ପର୍ଯ୍ୟନ୍ତ ପରମେଶ୍ୱରଙ୍କ ଠାରେ ବିଶ୍ୱସ୍ତ ଜୀବନଯାପନ କଲେ ଆମ୍ଭେମାନେ ଅନନ୍ତ ବିଶ୍ରାମ ପ୍ରାପ୍ତ ହୋଇପାରିବା । ଆମ୍ଭେମାନେ ପ୍ରେରିତ ପିତରଙ୍କ ସଦୃଶ୍ୟ ‘‘ନୂତନ ଆକାଶମଣ୍ଡଳ ଓ ନୂତନ ପୃଥିବୀ’’ର ଅପେକ୍ଷାରେ ରହୁ । ବର୍ତ୍ତମାନର ଆକାଶମଣ୍ଡଳ ଓ ପୃଥିବୀ ବିନାଶ ହେବା ପରେ, ନୂତନ ଆକାଶମଣ୍ଡଳ ଓ ନୂତନ ପୃଥିବୀ ଆସିବ । ଯେଉଁମାନେ ‘‘ପ୍ରଭୁଙ୍କ ଦିନ’’ ନିମନ୍ତେ ଅପେକ୍ଷାରେ ରହନ୍ତି, ସେମାନଙ୍କ ନିମନ୍ତେ ଏହି ଦିନ ଏକ ମହାନ୍ ଓ ଆନନ୍ଦମୟ ଦିନ । ‘‘ଅତଏବ, ହେ ପ୍ରିୟମାନେ, ତୁମ୍ଭେମାନେ ପୂର୍ବରୁ ଏହିସବୁ ଜାଣି ସତର୍କ ହୋଇଥାଅ, କାଳେ ଦୁରାଚାରୀମାନଙ୍କ ଭ୍ରାନ୍ତିରେ ପଡ଼ି, ତୁମ୍ଭେମାନେ ମଧ୍ୟ ଆପଣାମାନଙ୍କ ଦୃଢ଼ତାରୁ ସ୍ଖଳିତ ହୁଅ, ବରଂ ଆମ୍ଭମାନଙ୍କ ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟଙ୍କ ଅନୁଗ୍ରହ ଓ ଜ୍ଞାନରେ ବୃଦ୍ଧି ପାଅ । ବର୍ତ୍ତମାନ ଓ ଅନନ୍ତକାଳ ପର୍ଯ୍ୟନ୍ତ ଗୌରବ ତାହାଙ୍କର ।’’ (୨ୟ ପିତର ୩:୧୭-୧୮)

**- Wayne Barrier**

**Edited & Published by : Kabita & Joshua Gootam**

# THE ABC'S OF FATHERHOOD

## Keith Parker

**Want to be a fantastic father ? Then be like......**

Abel ---- a righteous man (Hebrews 11:4)

Barnabas--- an encourager (Acts 4:36).

Cornelius ------give generously to the needy (Acts 10:2)

Daniel ---- a man of prayer (Daniel 6:10)

Enoch ---- please God above any (Hebrews 11:5).

Fortunatus ------ refresh the spirits of others (1 Corinthians 16:17,18).

Gaius ---- a baptized believer (Corinthians 1:14).

Hezekiah---- live with wholehearted devotion (2 Kings 20:3)

Isaac ---- love your wife (Genesis 24:66)

Jesus ---- leave an example (1 Peter 2 :21)

Kish ---- give your children some responsibilities (1 Samuel 9:3)

Lazarus ---- show hospitality (John 12:1-3)

Manoah --- ask for wisdom in child - rearing (Judges 13:8)

Naaman --- have the faith to do the foolish (2 Kings 5:14)

Onesiphorus --- don't be ashamed of truth (2 Timothy 1:16-18)

Philip --- teach your children to speak for God (Acts 21:8,9)

Quartus --- support the local church (Romans 16:23)

Reuben --- stand up for your siblings (Genesis 37:21,22)

Stephen --- filled with the Holy Spirit (Acts 6:5).

*T*imothy --- know the Scriptures (2 Timothy 3:15)

*U*rbanus --- a fellow worker in Christ (Romans 16:9)

*V*ophsi --- raise children willing to explore (Numbers 13:14)

*W*atchman --- as Ezekiel, watch for the souls of your family (Ezekile 33:7-11)

*X*erzes --- submit to the wishes of your wife (Esther 5:1-3)

*Y*ahweh ---- just like Jehovah (Genesis 2:4).

*Z*accheus ---- desire to see Jesus (Luke 19:1-10)

***Printed Book Only***

From :

**SATYA VANI**
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)